بسم الله الرحمن الرحيم

**୧୩ ଜୁଲାଇ ୨୦୧୮ ଖୁତବାର ଜୁମାର ସାରାଂଶ**
**ସ୍ଥାନ-ମସଜିଦ୍ ବୟତୁଲ୍ ଫୁତୁହ୍,ଲଣ୍ଡନ୍**

**ଆଁ ହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ମହାନ୍ ପଦମର୍ଯ୍ୟାଦା ସମ୍ପନ୍ନ ବଦରି ସାହାବି ହଜ଼ରତ୍ ଅବି ଉସୈଦ୍ ମାଲିକ୍ ବିନ୍ ରବିୟା ସାଆଦି ଏବଂ ଅବଦୁଲ୍ଲାଃ ବିନ୍ ଅବ୍ଦୁଲ୍ ଅସଦଙ୍କ ଜୀବନୀର ବିଶ୍ୱାସ ବର୍ଦ୍ଧକ ଘଟଣାବଳୀର ମନମୁଗ୍ଧକର ଚର୍ଚ୍ଚା ।**

ତଶହୁଦ୍ ତାଉଜ୍ ଏବଂ ସୁରା ଫାତିହାର ଆବୃତ୍ତି କରିବା ପରେ ହୁଜୁର୍ ଅନଓ୍ୱର୍ ଅ.ବ କହିଲେ ଯେ-ସାହାବାଙ୍କ ଚର୍ଚ୍ଚାର ପର୍ଯ୍ୟାୟକ୍ରମରେ ଆଜି ମୁଁ ଦୁଇଜଣ ସାହାବାଙ୍କ ସମ୍ପର୍କରେ ଆଲୋକପାତ କରିବି । ଜଣେ ହେଉଛନ୍ତି ହଜ଼ରତ୍ ଅବୁ ଉସୈଦ୍ ମାଲିକ୍ ବିନ୍ ରବିୟା ସାଆଦି । ହଜ଼ରତ୍ ମାଲିକ୍ ବିନ୍ ରବିୟା ନିଜର ଉପାଧି ଅବୁ ଉସୈଦ୍ ନାମରେ ହିଁ ଖ୍ୟାତ ଅଟନ୍ତି । ସେ ଖଜ଼ରଜର ଶାଖା ବନୁ ସାଆଦାଃ ଅନ୍ତର୍ଭୁକ୍ତ ଥିଲେ । ହଜ଼ରତ୍ ଉସୈଦ୍ ବିନ୍ ମାଲିକ୍ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ବ୍ୟକ୍ତି ଥିଲେ । ତାଙ୍କ ମୁଣ୍ଡର କେଶ ଏବଂ ଦାଢୀର ବାଳ ଧବଳ ବର୍ଣ୍ଣ ହୋଇ ଯାଇଥିଲା । ବୃଦ୍ଧାବସ୍ଥାରେ ସେ ଦୃଷ୍ଟିଶକ୍ତି ହରାଇ ବସିଥିଲେ । ତାଙ୍କର ମୃତ୍ୟୁ ୬୦ ହିଜରୀରେ ହଜ଼ରତ୍ ମୁଆୱିୟାଙ୍କ ସମୟରେ ପ୍ରାୟ ୭୫ ବର୍ଷ ବୟସରେ ହୋଇଥିଲା । ସେ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିବା ସାହାବା ମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଏବଂ ସର୍ବ ଶେଷରେ ତାଙ୍କର ମୃତ୍ୟୁ ଘଟିଥିଲା। ହଜ଼ରତ୍ ଅବୁ ଉସୈଦ୍ ର.ଅ ବଦର୍,ଓହୋଦ୍,ଖନ୍ଦକ୍ ଏବଂ ଏହାପରେ ସଂଗଠିତ ହୋଇଥିବା ଯୁଦ୍ଧମାନଙ୍କରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ଥିଲେ । ମକ୍କା ବିଜୟ ସମୟରେ ତାଙ୍କ ହସ୍ତରେ ବନୁ ସାଆଦାଃ ସଂପ୍ରଦାର ଧ୍ୱଜା (ରହି) ଥିଲା । ହଜରତ୍ ସହଲ୍ ବିନ୍ ସାଆଦଙ୍କଠୁ ବର୍ଣ୍ଣନା କରିଛନ୍ତି ଯେ,ହଜ଼ରତ୍ ଅବୁ ଉସୈଦ୍ ସାଆଦି ହୁଜୁର୍ ସ.ଅଙ୍କୁ ନିଜ ବିବାହ ପର୍ବରେ ନିମନ୍ତ୍ରଣ କରିଥିଲେ । ସେହି ଦିନ (ଅର୍ଥାତ୍ ବିବାହ ଦିନ) ତାଙ୍କର (ହଜରତ୍ ଉସୈଦଙ୍କ) ସ୍ତ୍ରୀ ହୁଜୁର୍ ସ.ଅଙ୍କର ସେବାରତ ଥିଲେ ଏବଂ ଅବୁ ଉସୈଦ୍ ସାଆଦିଙ୍କ ବଧୂ ମଧ୍ୟ ସାଜିଥିଲେ । ହଜ଼ରତ୍ ଉସୈଦଙ୍କ ସ୍ତ୍ରୀ ବିବାହ ଦିନ ଅତ୍ୟନ୍ତ ସରଳ,ନିଷ୍ପାପର ତଥା ନିଷ୍କପଟ ମନୋଭାବ ରଖି ଏହି ବିବାହ କରୁଥିଲେ । ଯେତେବେଳେ ଲୋକମାନଙ୍କୁ ନିମନ୍ତ୍ରଣ କରାଗଲା ସେତେବେଳେ ସେ ବଧୂ ବେଶରେ ରହି ରୋଷେଇବାସ କରିଥିଲେ ।

ହଜ଼ରତ୍ ସହଲ୍ ଉଲ୍ଲେଖ କରନ୍ତି ଯେ,ଯେତେବେଳ ହଜ଼ରତ୍ ଅବୁ ଉସୈଦଙ୍କ ଘରେ ତାଙ୍କର ପୁତ୍ର ଅର୍ଥାତ୍ ଅବି ଉସୈଦଙ୍କ ଜନ୍ମ ହେଲା । ସେତେବେଳେ ଅବୁ ଉସୈଦଙ୍କ ପୁତ୍ର ଅବି ଉସୈଦଙ୍କୁ ହୁଜୁର୍ ସ.ଅଙ୍କ ସମ୍ମୁଖକୁ ଅଣାଯାଇଥିଲା। ସେତେବେଳେ ହୁଜୁର୍ ସ.ଅ ଉସୈଦଙ୍କର ପୁତ୍ରକୁ ନିଜ ଜଂଘ ଉପରେ ବସାଇଥିଲେ ଠିକ୍ ସେହି ସମୟରେ ହୁଜୁର୍ ସ.ଅ କୌଣସି କାର୍ଯ୍ୟରେ କାର୍ଯ୍ୟବ୍ୟସ୍ତ ହୋଇ ପଡିଲେ ଯଦ୍ୱାରା କି ସେଠାରେ ଉପସ୍ଥିତ ଲୋକମାନେ ମୁନଜ଼ରଙ୍କୁ ହୁଜୁର୍ ସ.ଅଙ୍କ ଜଂଘ ଉପରୁ ଉଠେଇ ନେଇ ଚାଲିଗଲେ । ଯେତେବେଳେ ହୁଜୁର୍ ସ.ଅଙ୍କୁ ଅବକାଶ (ସମୟ) ମିଳିଲା ସେତେବେଳେ ହୁଜୁର୍ ସ.ଅ.ସେହି ପିଲା ଅର୍ଥାତ୍ ମୁନଜ଼ରଙ୍କ ବିଷୟରେ ସାହାବାଙ୍କୁ ପଚାରିଲେ ଯେ, ସେହି ପିଲାଟି କାହିଁ (ଯେ କି ମୋ ଜଂଘରେ ବସିଥିଲା) ? ଏହାର ଉତ୍ତରରେ ହଜ଼ରତ୍ ଅବୁ ଉସୈଦ୍ ପ୍ରକାଶ କଲେ ଯେ,ହେ ଅଲ୍ଲାଃଙ୍କ ରସୁଲ୍ ! ଆମେମାନେ ସେହି ପିଲାକୁ ଘରକୁ ପଠାଇ ଦେଇ ଅଛୁ । ହୁଜୁର୍ ସ.ଅ.ପ୍ରଶ୍ନ କଲେ ଯେ, ସେହି ପିଲାର ତମେ କ'ଣ ନାମ ସ୍ଥିର କରିଛ (ବା ଦେଇଛ) ? ହଜରତ୍ ଅବୁ ଉସୈଦ୍ ଶୀଘ୍ର ନିଜ ମନରେ ଯେକୌଣସି ଗୋଟିଏ ନାମ ସ୍ଥିର କରିବାକୁ ଲାଗି ପଡିଲେ ଏବଂ କହିଲେ ଯେ, ମୁଁ ଅମକ ନାମ ସ୍ଥିର କରିଛି । ଏହାର ଉତ୍ତରରେ ହୁଜୁର୍ ସ.ଅ କହିଲେ ଯେ, ନା ! ତାହାର ନାମ ମୁନଜ଼ର୍ ଅଟେ । ତେଣୁ ହୁଜୁର୍ ସ.ଅ ସେହି ପିଲାର ନାମ ମୁନଜ଼ର୍ ବୋଲି ସ୍ଥିର କଲେ ।

ହଜ଼ରତ୍ ସୁଲେମାନ୍ ବିନ୍ ୟସାର୍ ଉଲ୍ଲେଖ କରିଛନ୍ତି ଯେ,ହଜ଼ରତ୍ ଉସ୍-ମାନ ର.ଅଙ୍କ ଶାହାଦତ୍ ପୂର୍ବରୁ ହଜ଼ରତ୍ ଅବୁ ଉସୈଦ୍ ସାଆଦି ନିଜର ଦୃଷ୍ଟି ଶକ୍ତି ହରାଇ ବସିଥିଲେ । ସେ ସର୍ବଦା କହୁଥିଲେ ଯେ,ମୁଁ ଅଲ୍ଲାଃଙ୍କ ନିକଟରେ ସର୍ବଦା କୃତଜ୍ଞ ରହିବି,ଯେ ମୋତେ ହୁଜୁର୍ ସ.ଅଙ୍କ ପବିତ୍ର ଜୀବନରେ ଦୃଷ୍ଟି ଶକ୍ତି ପ୍ରଦାନ କରି ସମ୍ମାନିତ କରିଛନ୍ତି । ସେହି

ସମସ୍ତ ବରକାତ୍ (ମଙ୍ଗମୟ ତଥା ଶୁଭ କ୍ଷଣ)କୁ ମୁଁ ଉପଭୋଗ,ଅବଲୋକନ ଓ ଉପଲବ୍ଧି କଲି ଏବଂ ଯେତେବେଳେ ଅଲ୍ଲାଃତାଲା ଲୋକମାନଙ୍କୁ ପରୀକ୍ଷା କରିବାକୁ ଚାହିଁଲେ ସେତେବେଳେ ସେ ମୋର ଦୃଷ୍ଟି ଶକ୍ତିକୁ ନେଇଗଲେ । କାରଣ ଏହାର ପଛରେ ଏକ କାରଣ ନିହିତ ଥିଲା ଏବଂ ତାହା ଏହାଥିଲା କି ଅଲ୍ଲାଃତାଲା ଏହା ଚାଁହୁ ନଥିଲେ ଯେ ଏଭଳି ଉତ୍କଟ ପରିସ୍ଥିତିକୁ ମୁଁ ସ୍ୱ ଚକ୍ଷୁରେ ଦେଖି,ଯେପରି ମର୍ମାହତ ନହୁଏ । ମରୱାନ୍ ବିନ୍ ଅଲ୍-ହକମ୍,ହଜ଼ରତ୍ ଅବୁ ଉସୈଦ୍ ସାଆଦିଙ୍କୁ ଦାନ ଦକ୍ଷିଣା ସମୟରେ ଆମିଲ୍ ଅର୍ଥାତ୍ କର୍ମଚାରୀ ରୂପେ ନିଯୁକ୍ତି କରିଥିଲେ । ଅର୍ଥାତ୍ ଏହି ଦାନ ଦକ୍ଷିଣାକୁ ଏକତ୍ର କରିବା ଏବଂ ସେଗୁଡିକର ସଠିକ୍ ଏବଂ ସୁଷମ ବଣ୍ଟନ କରିବା ନିମନ୍ତେ ମୋତେ ନିଯୁକ୍ତ କରିଥିଲେ । ଏକଦା ଅବୁ ସଈଦ୍ ଜ଼କାତ୍ର ଅର୍ଥ ବଣ୍ଟନ କିରିବା ପାଇଁ ଆସିଥିଲେ । ଯାହାସବୁ ଜିନିଷପତ୍ର ବା ବସ୍ତୁ ରହିଥିଲା ସେ ସମଗ୍ର ଜିନିଷ ପତ୍ର,ବସ୍ତୁ ଆଦିକୁ ବାଣ୍ଟି ଦେଇ ସେଠାରୁ ଚାଲି ଆସିଲେ । ଯେତେବେଳେ ସେ ବିଶ୍ରାମ କରିବା ନିମନ୍ତେ ନିଜ ଘରକୁ ଗଲେ ସେ ସ୍ୱପ୍ନରେ ଦେଖିଲେ ଯେ,ଗୋଟିଏ ସର୍ପ ତାଙ୍କ ଗଳା ଦେଶରେ ଗୁଡ଼େଇ ହୋଇଯାଉଛି । ସେ ହଠାତ୍ ବ୍ୟସ୍ତ ବିବ୍ରତ ହୋଇ ଉଠି ପଡିଲେ ଏବଂ ନିଜ ସ୍ତ୍ରୀଙ୍କୁ ପ୍ରଶ୍ନ କଲେ ଯେ,କ'ଣ ସଦକ୍ବା (ଦାନ ଦକ୍ଷିଣା)ର ଅର୍ଥରୁ କିଛି ଜିନିଷ ରହିଯାଇଛି ? ଯାହା ମୋତେ ବାଣ୍ଟିବା ପାଇଁ ଦିଆଯାଇଥିଲା ଏବଂ ଯାହାକୁ ମୁଁ ବାଣ୍ଟିପାରି ନାହିଁ ! ତାଙ୍କ ସ୍ତ୍ରୀ କହିଲେ ଯେ,ନାହିଁ ତ' କିଛି ରହି ନାହିଁ । ହଜ଼ରତ୍ ଅବୁ ଉସୈଦ୍ କହିଲେ ଯେ,ତେବେ କେଉଁ କାରଣ ପାଇଁ ସେହି ସର୍ପଟି ମୋ ଗଳା ଦେଶରେ ଗୁଡାଇ ହୋଇଯାଇଥିଲା । ତଥାପି ତମେ ଦେଖ ସମ୍ଭବତଃ କିଛି ରହିଯାଇ ଥିବ ! ତାଙ୍କ ସ୍ତ୍ରୀ କହିଲେ ଯେ, ହଁ ହଁ ଓଟକୁ ବାନ୍ଧିବା ନିମନ୍ତେ ଯେଉଁ ଦଉଡ଼ିଟି ବ୍ୟବହୃତ ହୁଏ ସେହି ଦଉଡ଼ିଟି ରହିଯାଇଛି । ସୁତରାଂ ହଜ଼ରତ୍ ଅବୁ ଉସୈଦ୍ ସେହି ଦଉଡିକୁ ଧରି ହଜ଼ରତ୍ ମରୱାନଙ୍କୁ ଫେରସ୍ତ କରିଦେଲେ । ହୁଜ଼ୁରେ ଅନୱର୍ ଅ.ବ.ଅ କହିଲେ- ଅଲ୍ଲାଃତାଲା ସେହି ସାହାବାମାନଙ୍କୁ ତକ୍ୱା ଅର୍ଥାତ୍ ଧର୍ମ ପରାୟଣର ସୂକ୍ଷ୍ମତି ସୂକ୍ଷ୍ମ ସ୍ତର ଏବଂ ମାନଦଣ୍ଡରେ ଛିଡା କରି ସେମାନଙ୍କୁ ଅମାନତ୍ ଅର୍ଥାତ୍ ନ୍ୟାସର ସର୍ବୋଚ୍ଚ ସ୍ତରରେ ଅବତୀର୍ଣ୍ଣ କରିବାକୁ ଚାହୁଁଥିଲେ ଏବଂ ଏଥିଲାଗି ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ସ୍ୱପ୍ନ ଆକାରରେ ସେମାନଙ୍କର ମାର୍ଗଦର୍ଶନ କରାଇ ଦେଉଥିଲେ ।

ଏକଦା କିଛି ଯୁବକମାନେ ହଜ଼ରତ୍ ଅବୁ ଉସୈଦଙ୍କ ଠାରୁ ଅନସାରମାନଙ୍କ ସମ୍ବନ୍ଧରେ ରସୁଲୁଲ୍ଲାଃ ସ.ଅଙ୍କ ଦ୍ୱାରା ବର୍ଣ୍ଣିତ ଫଜ଼ାଏଲ୍ ଅର୍ଥାତ୍ ଉତ୍କର୍ଷ ସମ୍ପର୍କରେ ପଚାରିଲେ । ତେବେ ହଜ଼ରତ୍ ଅବୁ ଉସୈଦ୍ କହିଲେ ଯେ,ମୁଁ ହୁଜ଼ୁର୍ ସ.ଅଙ୍କୁ ଏହା କହୁଥିବାର ଶୁଣିଅଛି ଯେ, ଅନସାରମାନଙ୍କ ରହିଥିବା ସମସ୍ତ ସଂପ୍ରଦାୟ ମଧ୍ୟରୁ ସର୍ବୋତ୍ତମ ସଂପ୍ରଦାୟଟି ବନୁ ନଜ୍ଜାରଙ୍କ ବଂଶ ଅଟେ । ପୁନଶ୍ଚ ଏହି କ୍ରମରେ ବନୁ ଅବ୍ଦୁଲ୍ ଅଶ୍-ଅଲ୍,ବନୁ ହାରିଜ୍ ବିନ୍ ଖଜ଼ରଜ୍,ବନୁ ସାଆଦାଃ ଇତ୍ୟାଦି । ଅନସାରଙ୍କ ସମସ୍ତ ବଂଶରେ ସର୍ବ ମଙ୍ଗଳ ବିଦିତ ରହିଥିଲା।

ଅନ୍ୟ ଜଣେ ସାହାବି ହେଉଛନ୍ତି ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଅବ୍ଦୁଲ୍ଲାଃ ଅସଦ୍ । ତାଙ୍କର ନାମ ଅବ୍ଦୁଲ୍ଲାଃ ଥିଲା ଏବଂ ସାଂଜ୍ଞା ଅବୁ ସଲମା । ତାଙ୍କ ମାତାଙ୍କ ନାମ ବରାଃ ବିନତ୍ ଅବ୍ଦୁଲ୍ ମୁତଲ୍ଲିବ୍ ଥିଲା । ସେ ହୁଜ଼ୁର୍ ସ.ଅଙ୍କ ପିଉସୀଙ୍କ ପୁତ୍ର,ଭାଇ ଏବଂ ହଜ଼ରତ୍ ହମଜ଼ାଙ୍କ ରିଜ଼ାଈ ଭାଇ ଅର୍ଥାତ୍ ମାଙ୍କର ପାଳିତ ପୁତ୍ର ଥିଲେ । ହଜ଼ରତ୍ ଅବ୍ଦୁଲ୍ଲାଃ ଅବୁ ଲହବଙ୍କ ଦାସୀ ସୱିବାଙ୍କର ସ୍ତନ୍ୟ ପାନ କରିଥିଲେ । ହଜ଼ରତ୍ ଉମ୍ମୁଲ୍ ମୁ-ମିନିନ୍ ଉମ୍ମେ ସଲମାଙ୍କ ନିକାଃ ପ୍ରଥମେ ହଜ଼ରତ୍ ଅବ୍ଦୁଲ୍ଲାଃଙ୍କ ସିହିତ ହୋଇଥିଲା । ହଜ଼ରତ୍ ଅବ୍ଦୁଲ୍ଲାଃଙ୍କ ବିୟୋଗ ହେବାରୁ ତାଙ୍କର ବିଧବା ପତ୍ନୀଙ୍କ ବିବାହ ହୁଜ଼ୁର୍ ସ.ଅଙ୍କ ସହିତ ହୋଇଥିଲା । ଇବ୍ନେ ଇସହାକ୍ଙ୍କ ଅନୁଯାୟୀ ଅବୁ ସଲମା ଦଶ ଜଣ ବ୍ୟକ୍ତିଙ୍କ ପରେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ । ଅର୍ଥାତ୍ ପ୍ରାଥମିକ ପର୍ଯ୍ୟାୟରେ ନୂତନ ଇସଲାମ୍ ଧର୍ମ ଗ୍ରହଣକାରୀଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଅବ୍ଦୁଲ୍ ଅସଦ୍ ନିଜ ସ୍ତ୍ରୀ ଉମ୍ମେ ସଲମାଙ୍କ ସଙ୍ଗେ ପ୍ରଥମ ପ୍ରବାସକାରୀ ରୂପେ,ହବଶାକୁ ଗମନ କରିବାରେ ଶାମିଲ୍ ଥିଲେ । ହବଶାରୁ ମକ୍କାକୁ ପ୍ରତ୍ୟାବର୍ତ୍ତନ କରିବା ଫଳରେ ପରେ ମଦୀନାକୁ ପ୍ରବାସନ କଲେ । ଯେତେବେଳେ ମୁସଲମାନ ମାନଙ୍କର ଦୁଃଖ ଯନ୍ତ୍ରଣା ନିଜର ଚରମ ସୀମାରେ ପହଞ୍ଚି ଯାଇଥିଲା ସେତେବେଳେ ଆଁ ହଜ଼ରତ୍ ସ.ଅ ସେମାନଙ୍କୁ କହିଲେ ଯେ,ଯେଉଁ ଯେଉଁ ବ୍ୟକ୍ତିମାନଙ୍କ ପକ୍ଷରେ ସମ୍ଭବ ସେମାନେ ହବଶା (ହିଜରତ୍) ପ୍ରବାସ କରିଯାଆନ୍ତୁ । ସୁତରାଂ ଆଁ ହଜ଼ରତ୍ ସ.ଅଙ୍କ କହିବା ଅନୁସାରେ ରଜବ୍ ମାସ ୫ ନବୱୀରେ ୧୧ ଜଣ ପୁରୁଷ ଓ ୪ ଜଣ ମହିଳା ହବଶା ଆଡକୁ (ହିଜରତ୍) ପ୍ରବାସନ କଲେ । ସେମାନଙ୍କ ମଧ୍ୟରୁ ପ୍ରସିଦ୍ଧ ନାମ ଗୁଡ଼ିକ ହେଲା,- ଉସମାନ୍ ବିନ୍ ଅଫ୍ଫାନ୍ ଏବଂ ତାଙ୍କ ସ୍ତ୍ରୀ ରୁକିୟା ବିନତ୍ ରସୁଲୁଲ୍ଲାଃ ସ.ଅ, ଅବ୍ଦୁର୍ ରହମାନ୍ ବିନ୍ ଅଫ୍,ଜ୍ଜୁବେର୍ ବିନ୍ ଅଲ୍ ଅୱାମ୍,ଅବୁ ହୁଯୈଫା ବିନ୍ ଉତବା,ଉସମାନ୍ ବିନ୍ ମଜ଼ଉନ୍,ମସଅବ୍ ବିନ୍

ଉମୈର୍,ଅବୁ ସଲମା ବିନ୍ ଅବ୍ଦୁଲ୍ ଅସଦ୍ ଏବଂ ତାଙ୍କର ସ୍ତ୍ରୀ ଉମ୍ମେ ସଲମା । ହଜ୍ରତ୍ ଅନୱର୍ ଅ.ବ କହିଲେ,ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ କଥା ଯେ,ପ୍ରାରମ୍ଭିକ (ମୁହାଜିରୀନ୍) ପ୍ରବାସନକାରୀ ମାନଙ୍କ ମଧ୍ୟରୁ ସେହି ଲୋକମାନଙ୍କର ସଂଖ୍ୟା ସର୍ବାଧିକ ରହିଥିଲା ଯେଉଁମାନେ କି କୁରୈଶର ଶକ୍ତିଶାଳୀ ସଂପ୍ରଦାୟଭୁକ୍ତ ଥିଲେ ଏବଂ ଏଥିରୁ ପ୍ରତୀୟମାନ ହୁଏ ଯେ,ଦୁର୍ବଳ ଲୋକମାନଙ୍କର ସଂଖ୍ୟା ଅତି କମ୍ ଥିଲା । ଯେଉଁଥିରୁ ଦୁଇଟି କଥା ଜଣାପଡୁଛି ପ୍ରଥମ ଏହା ଯେ,ସବଳ ତଥା ଶକ୍ତିଶାଳୀ ସଂପ୍ରଦାୟଭୁକ୍ତ ଥିବା ବ୍ୟକ୍ତିମାନେ ମଧ୍ୟ କୁରୈଶମାନଙ୍କର ଅତ୍ୟାଚାରରୁ ବଞ୍ଚିତ ନ ଥିଲେ ବରଂ ଜର୍ଜରିତ ଥିଲେ । ଦ୍ୱିତୀୟରେ, ଦୁର୍ବଳ ଲୋକମାନେ ଯେପରି କି ଦାସ ତଥା ଭୃତ୍ୟ ଶ୍ରେଣୀର ଲୋକମାନେ ଏଭଳି ଏକ ଉତ୍କଟ ପରିସ୍ଥିତିରେ ଦୁର୍ଦ୍ଦଶା ତଥା ନିଃସହାୟତାର ସମ୍ମୁଖୀନ ହେଉଥିଲେ ଏବଂ ସେମାନେ (ହିଜରତ୍) ପ୍ରବାସନ ପାଇଁ ମଧ୍ୟ ସକ୍ଷମ ନ ଥିଲେ,ଏବଂ ଯେତେବେଳେ ମକ୍କାର କୁରୈଶମାନଙ୍କୁ ସେମାନଙ୍କ ପ୍ରବାସ ସମ୍ପର୍କରେ ସୂଚନା ମିଳିଲା ସେତେବେଳେ ସେମାନେ ଅସ୍ତ ବ୍ୟସ୍ତ ତଥା କ୍ରୁଦ୍ଧ ହୋଇ କହିଲେ ଯେ, ହାତ ମୁଠାକୁ ଆସିଥିବା ଶିକାରଟି ମଧ୍ୟ ଖସିଗଲା । ସୁତରାଂ ମୁସଲମାନମାନେ ହବଶା ଠାରେ ପହଞ୍ଚିବା ପରେ ସେମାନଙ୍କୁ ସୁଖ ଶାନ୍ତିର ସହିତ ଜୀବନ ଯାପନ କରିବାର ସୁଯୋଗ ମିଳିଲା ଇଶ୍ୱର,ଇଶ୍ୱରଙ୍କ ନାମ ଜପ କରି ସେମାନେ ଏହି ଅତ୍ୟାଚାରରୁ ମୁକ୍ତି ପାଇଲେ । ଇବ୍ନେ ଇସହାକ୍ କହନ୍ତି ଅବୁ ସଲମା ହବଶାରୁ ଫେରି ସାରିବା ପରେ ହଜ଼ରତ୍ ଅବୁ ତାଲିବଙ୍କ ଶରଣ ଲୋଡିଲେ ସେତବେଳେ ବନୁ ମଖଜ଼ୁମର କେତେକ ବ୍ୟକ୍ତିମାନେ ହଜ଼ରତ୍ ଅବୁ ତାଲିବଙ୍କ ନିକଟରେ ଉପସ୍ଥିତ ହୋଇ କହିବାକୁ ଲାଗିଲେ ଯେ, ତୁମେ ନିଜର ପୁତୁରା ହଜ଼ରତ୍ ମହମ୍ମଦ୍ ସ.ଅଙ୍କୁ ତ' ଶରଣ ଦେଇଛ,ହେଲେ ପୁଣି ଆମର ଭାଇ ଅବୁ ସଲମାଙ୍କୁ ତୁମେ କାହିଁକି ନିଜ ପାଖରେ ଶରଣ ଦେଉଛ ? ପ୍ରତ୍ୟୁତ୍ତରରେ ହଜ଼ରତ୍ ଅବୁ ତାଲିବ୍ କହିଲେ ଯେ,ସେ ଅର୍ଥାତ୍ ଅବୁ ସଲମା ମୋର ଶରଣ ଭିକ୍ଷା ଲୋଡିଛନ୍ତି ଏବଂ ସେ ମଧ୍ୟ ମୋର ଭଣଜା ଅଟେ,ଏବଂ ଯଦି ମୁଁ ମୋ ନିଜ ପୁତୁରାକୁ ନିଜ ପାଖରେ ଶରଣ ନଦେଇ ଥାଆନ୍ତି ତା ହେଲେ ମୁଁ ମୋର ଭଣଜା ଅବୁ ସଲମାଙ୍କୁ କିପରି ଶରଣ ଦେଇ ଥାଆନ୍ତି।

ଇବ୍ନେ ଇସହାକ୍ କହନ୍ତି ଯେ,ଉମ୍ମୁଲ୍ ମୁ-ମିନିନ୍ ହଜ଼ରତ୍ ଉମ୍ମେ ସଲମାଙ୍କଠୁ ବର୍ଣ୍ଣନା କରୁଛନ୍ତି ଯେ,ଯେତେବେଳେ ମୋ ସ୍ୱାମୀ ହଜ଼ରତ୍ ଅବୁ ସଲମା ମଦିନାକୁ ଗମନ କରିବା ପାଇଁ ଇଚ୍ଛା ବ୍ୟକ୍ତ କଲେ ସେତେବେଳେ ସେ ସର୍ବ ପ୍ରଥମେ ନିଜର ଓଟକୁ ପ୍ରସ୍ତୁତ କଲେ ଏବଂ ତା'ପରେ ମୋତେ ଏବଂ ପୁତ୍ର ଅବୁ ସଲମା ଯେ,କି ମୋ କୋଳରେ ବସିଥିଲା ସେହି ଓଟ ଉପରେ ଆରୋହଣ କରି ଯେତେବେଳେ ମଦିନା ଅଭିମୁଖେ ଯାତ୍ରା କଲେ । ସେତେବେଳେ ବନୁ ମଖଜ଼ୁମର କେତେକ ଲୋକମାନେ ଆମକୁ ଘେରାଉ କଲେ ଏବଂ କହିଲେ ଯେ,ଅବୁ ସଲମା ଆମମାନଙ୍କର ଝିଅ ଅଟେ ଆମେମାନେ ତାକୁ ତୁମ ସାଙ୍ଗରେ ଯିବାକୁ ଦେବୁ ନାହିଁ । ହଜ଼ରତ୍ ଉମ୍ମେ ସଲମା କହନ୍ତି ସେହି ଲୋକମାନେ ମୋର ସ୍ୱାମୀଙ୍କୁ ମୋ ଠାରୁ ଛଡାଇ ନେଲେ । ଯାହାଫଳରେ କି ଅବୁ ସଲମାଙ୍କ ସଂପ୍ରଦାୟ ବନୁ ଅବ୍ଦୁଲ୍ ଅସଦଙ୍କ ସଂପ୍ରଦାୟଙ୍କ ଠାରୁ ଅପ୍ରସନ୍ନ ହୋଇ ଏବଂ କ୍ଷୋଭ ପ୍ରକାଶ କରି ବନୁ ଅବ୍ଦୁଲ୍ ଅସଦଙ୍କ ଲୋକମାନେ କହିଲେ ଯେ,ଏହି ପୁତ୍ରଟି ଅବୁ ସଲମାଙ୍କର ଅଟେ । ଏହାକୁ ଆମେମାନେ ତୁମ ପାଖରେ ରଖିବାକୁ ଦେବୁ ନାହିଁ । ଅତଃ ପିଲାଟିକୁ ବନୁ ଅବଦୁଲ୍ ଅସଦଙ୍କ ସଂପ୍ରଦାୟର ଲୋକମାନେ ନେଇ ଗଲେ । ଝିଅକୁ ବନୁ ମଖଜ଼ୁମଙ୍କ ସଂପ୍ରଦାୟର ଲୋକମାନେ ରଖିଲେ ଏବଂ ଯେଉଁ ପୁତ୍ରଟି ଥିଲା ତାହାକୁ ସ୍ୱାମୀଙ୍କ ସଂପ୍ରଦାୟ ଅର୍ଥାତ୍ ବନୁ ଅବ୍ଦୁଲ୍ ଅସଦଙ୍କ ସଂପ୍ରଦାୟର ଲୋକମାନେ ନେଇଗଲେ ଏବଂ ଉମ୍ମେ ସଲମା କହୁଛନ୍ତି ଯେ,ମୁଁ ସଂପୂର୍ଣ୍ଣ ଏକୁଟିଆ ହୋଇଗଲି । ମୁଁ ଦୀର୍ଘ ଏକ ବର୍ଷ ଧରି ଏହି ଦୁଃଖ କଷ୍ଟରେ ପୀଡିତ ରହିଲି,ଏବଂ ପ୍ରତ୍ୟେକ ଦିନ ଅବତା ନାମକ ସ୍ଥାନକୁ ଯାଇ ସେଠେରେ କାନ୍ଦୁ ଥିଲି । ଏକଦା ମୋ (ଚଚା) ଦାଦାର ପୁତ୍ରମାନଙ୍କ ମଧ୍ୟରୁ ଜଣେ ମୋତେ ସେଠାରେ କାନ୍ଦୁ ଥିବାର ଦେଖିଲେ । ବସ୍ତୁତଃ ତାଙ୍କୁ ମୋ ଉପରେ ଦୟା ଆସିଲା ଏବଂ ସେ ମୋ ସଂପ୍ରଦାୟ ବନୁ ମୁଗୀରାଃଙ୍କ ନିକଟକୁ ଯାଇ କହିଲେ ତୁମେମାନେ ସେହି ନିରୀହ ସ୍ତ୍ରୀକୁ କାହିଁକି ହଇରାଣ କରୁଛ ? ତୁମେମାନେ ଏହି ସ୍ତ୍ରୀଲୋକଟାକୁ ତା ସ୍ୱାମୀ ଠାରୁ ଅଲଗା କରିଦେଇଛ,ଏହି ସ୍ତ୍ରୀଲୋକକୁ ଛାଡି ଦିଅ । ଏହାର ଉତ୍ତରରେ ସେମାନେ ମୋତେ କହିଲେ (ଅର୍ଥାତ୍ ବନୁ ମୁଗିରାଃ ସଂପ୍ରଦାୟ) ନିଜ ସ୍ୱାମୀଙ୍କ ନିକଟକୁ ଫେରିଯାଅ । ହଜରତ୍ ଉମ୍ମେ ସଲମା କହନ୍ତି ଯେ,ଏହା ପରେ ବନି ଅଲ୍ ଅସଦ୍ ମୋର ପୁତ୍ରକୁ ମୋତେ ଫେରେଇ ଦେଲେ,ପୁନଶ୍ଚ ମୁଁ ମୋର ଓଟକୁ ପ୍ରସ୍ତୁତ କଲି ଏବଂ ନିଜର ପୁତ୍ରକୁ ସାଙ୍ଗରେ ଧରି ସେହି ଓଟ

ମାଧ୍ୟମରେ ମଦିନା ଅଭିମୁଖେ ବାହାରିଲି ସେତେବେଳେ ମୋତେ ସାହାଯ୍ୟ କରିବା ପାଇଁ ମୋ ପାଖରେ କେହି ନ ଥିଲେ । ଯେତେବେଳେ ମୁଁ ତନ୍-ଇମ୍ ନାମକ ସ୍ଥାନରେ ପହଞ୍ଚିଲି ତେବେ ମୁଁ ସେଠାରେ ହଜ଼ରତ୍ ଉସମାନ୍ ବିନ୍ ଅବୁ ତଲହାଙ୍କୁ ଭେଟିଲି । ସେ ସେତେବେଳେ ମୁସଲମାନ୍ ହୋଇ ନଥିଲେ । ସେ ସନ୍ ୬ ହିଜରୀରେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ । ମୋତେ କହିବାକୁ ଲାଗିଲେ ଯେ,ହେ ଉମ୍ମେ ସଲମା ! କୁଆଡେ ଯାଉଛ ? ମୁଁ ଉତ୍ତର ଦେଲି ମୁଁ ମୋ ସ୍ୱମୀଙ୍କ ପାଖକୁ,ମଦିନା ଯାଉଅଛି । ହଜ଼ରତ୍ ଉସ୍-ମାନ ପଚାରିଲେ,କ'ଣ ତୁମ ସାଙ୍ଗରେ ଅନ୍ୟ କେହି ଅଛନ୍ତି ? ଉମ୍ମେ ସଲମା ଉତ୍ତର ଦେଲେ ମୁଁ ଇଶ୍ୱରଙ୍କ ଶପଥ ନେଇ କହୁଅଛି ଯେ,ମୁଁ ଏବଂ ମୋର ଏହି ଛୋଟ ପିଲା (ଶିରପୁତ୍ର) ବ୍ୟତୀତ ଆଉ କେହି ନାହାନ୍ତି । ଉସମାନ କହିଲେ ମୁଁ ଇଶ୍ୱରଙ୍କ ଶପଥ କରି କହୁଅଛି ଯେ,ମୁଁ ତୁମକୁ ଆଦୌ ଏକୁଟିଆ ଯିବାକୁ ଦେବି ନାହିଁ, ବରଂ ମୁଁ ତୁମ ସାଙ୍ଗରେ ଯିବି । ପୁନଶ୍ଚ ସେ ମୋ ଓଟର ମାହାର ଅର୍ଥାତ୍ ଓଟ ନାକରେ ଲାଗିଥିବା ଦଉଡିଟିକୁ ଧରି ନେଲେ । ହଜ଼ରତ୍ ଉମ୍ମେ ସଲମା ଉଲ୍ଲେଖ କରନ୍ତି ଯେ,ମୁଁ ଅଲ୍ଲାଃଙ୍କ ଶପଥ ନେଇ କହୁଛି ଯେ,ଆରବର ବ୍ୟକ୍ତିମାନଙ୍କ ମଧ୍ୟରୁ ଏତେ ସମ୍ମାନନୀୟ ବ୍ୟକ୍ତିଙ୍କୁ ମୁଁ ଆଜି ପର୍ଯ୍ୟନ୍ତ ଦେଖି ନାହିଁ । ଯେତେବେଳେ ମୁଁ ଯିବାକୁ ଇଚ୍ଛା ପ୍ରକାଶ କରୁଥିଲି ସେତେବେଳେ ସେ ଓଟକୁ ପ୍ରସ୍ତୁତ କରି ଦେଉଥିଲେ ଏବଂ ମୁଁ ସେହି ଓଟ ଉପରେ ବସି ପଡୁଥିଲି ଏବଂ ସେ ଓଟର ଦଉଡି ଧରି ଚାଲିବାକୁ ଆରମ୍ଭ କରି ଦେଉଥିଲେ । ପରିଶେଷରେ ଆମେ ଏହିଭଳି ଭାବରେ ମଦିନାରେ ପହଞ୍ଚିଗଲୁ । ଯେତେବେଳେ ହୁଜ୍ଜୁର୍ ସ.ଅ ଅଶିରାଃ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ ସେତେବେଳେ ଅବୁ ସଲମାଙ୍କୁ ମଦିନାର ଅମିର୍ ରୂପେ ନିଯୁକ୍ତ କରିଥିଲେ ।

ପୁନଶ୍ଚ ସିରତ୍ ଖାତମୁନ୍ ନବୀ-ୟୀନରେ ଉଲ୍ଲେଖିତ ଅଛି ଯେ,ମୁହରମ୍ ୪ ହିଜରୀରେ ହଠାତ୍ ଆଁ ହଜ଼ରତ୍ ସ.ଅଙ୍କୁ ଏହି ସୂଚନାଟି ପ୍ରାପ୍ତ ହେଲା ଯେ,ଅସଦ୍ ସଂପ୍ରଦାୟର ସମ୍ମାନିତ ତଥା ଧନୀ ବ୍ୟକ୍ତି ତଲୀହା ବିନ୍ ଖୁଓ୍ୱେଲଦ୍ ଓ ତାର ଭାଇ ସଲମା ବିନ୍ ଖୁଓ୍ୱେଲଦ୍ ନିଜ ଅଞ୍ଚଳର ଲୋକମାନଙ୍କୁ ହୁଜ୍ଜୁର୍ ସ.ଅଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ପ୍ରବର୍ତ୍ତାଇବାକୁ ଉଦ୍ୟମ କରୁଛନ୍ତି । ସୁତରାଂ ଏହି ସୂଚନା ମିଳିବା କ୍ଷଣି ଆଁ ହଜ଼ରତ୍ ସ.ଅ ଶୀଘ୍ର ୧୫୦ ସାହାବୀ ମାନଙ୍କର ଏକ ଦ୍ରୁତଗାମୀ ସୈନ୍ୟ ଦଳ ପ୍ରସ୍ତୁତ କରି ଏହି ଦଳର ଅମୀର୍ ଅବୁ ସଲମା ବିନ୍ ଅବ୍ଦୁଲ୍ ଅସଦଙ୍କୁ ନିଯୁକ୍ତ କଲେ ଏବଂ ନିର୍ଦ୍ଦେଶ ଦେଲେ ଯେ,ବନୁ ଅସଦ୍ ନିଜର ବୈରାଗ୍ୟପୂର୍ଣ୍ଣ ଶତ୍ରୁତାର ସାଂଗଠନିକ ସ୍ଥିତିକୁ ମଜ଼ଭୂତ୍ ତଥା ବାସ୍ତବିକ୍ ରୂପ ଦେବା ପୂର୍ବରୁ ସେମାନଙ୍କୁ ବିକ୍ଷିପ୍ତ କରିଦିଆଯାଉ । ସୁତରାଂ ଅବୁ ସଲମା କତନ୍ ନାମକ ଏକ ସ୍ଥାନରେ ସେହି ଶତ୍ରୁମାନଙ୍କ ପାଖରେ ପହଞ୍ଚି ଗଲେ । ହେଲେ ସେଠାରେ କୌଣସି ଯୁଦ୍ଧ ହେଲା ନାହିଁ ଏବଂ ଅବୁ ସଲମା କିଛି ଦିନ ପରେ ମଦିନାକୁ ପୁନର୍ବାର ଫେରି ଆସିଲେ । ଏହି ଯୁଦ୍ଧଯାତ୍ରାର ଅସାଧାରଣ ପରିଶ୍ରମ ଫଳରେ ଅବୁ ସଲମାଙ୍କ ସେହି କ୍ଷତ ଯାହାକି ଓହୋଦ୍ ଯୁଦ୍ଧରେ ତାଙ୍କୁ ପହଞ୍ଚିଥିଲା,ଏବଂ ତାହା ବାହ୍ୟିକ ରୂପେ ଭରିଯାଇଥିବା ଓ ଶୁଖି ଯାଇଥିବା ପରି ଜଣା ପଡୁଥିଲା ତାହା କ୍ଷୟ ତଥା ନଷ୍ଟ ହେବାକୁ ଲାଗିଲା। ଏବଂ ଚିକିତ୍ସା ସତ୍ତ୍ୱେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାକୁ ଲାଗିଲା ଏବଂ ପରିଶେଷରେ ସେହି ସଚ୍ଚୋଟ୍ ଏବଂ ପୁରାତନ ସାହାବି ଯେ କି ହୁଜ୍ଜୁର୍ ସ.ଅଙ୍କ ରିଜ଼ାଇ ଭାଇ ଥିଲେ,ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ । ତାଙ୍କୁ ମଦିନା ଠାରେ କବର (ସମାଧି) ଦିଆ ଯାଇଥିଲା । ଏକ ରିୱାୟତରେ ଉଲ୍ଲେଖ ରହିଛି ଯେ,ଯେତେବେଳେ ଅବୁ ସଲମାଙ୍କର ମୃତ୍ୟୁ ସମୟ ନିକଟବର୍ତ୍ତୀ ହୋଇ ଆସିଲା ସେତେବେଳେ ସେ ଏହି (ଦୁଆ) ପ୍ରାର୍ଥନା କଲେ ଯେ, ହେ ଇଶ୍ୱର ! ମୋର ପରିବାରବର୍ଗ ମାନଙ୍କ ମଧ୍ୟରୁ ସର୍ବଶ୍ରେଷ୍ଠ ବ୍ୟକ୍ତିଙ୍କୁ ହିଁ ମୋର ସ୍ଥାନପାତ୍ର ବା ଉତ୍ତରାଧିକାରୀ କରାଅ । ଅତଃ ତାଙ୍କର ଏହି ପ୍ରାର୍ଥନଟି ଇଶ୍ୱର ସ୍ୱୀକାର କଲେ ଏବଂ ଆଁ ହଜରତ୍ ସ.ଅ ଉମ୍ମେ ସଲମାଙ୍କୁ ନିକାଃ କଲେ ।

ଉମ୍ମେ ସଲମାଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ଏବଂ ଅତ୍ୟନ୍ତ ଚତୁର ତଥା ବୁଦ୍ଧିମତ୍ତା ହେବା ସତ୍ତ୍ୱେ ଦୃଢ ବିଶ୍ୱାସ ଏବଂ ନିଷ୍ପାପର ନାରୀ ହେବାରେ ମଧ୍ୟ ତାଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ହଜ଼ରତ୍ ଉମ୍ମେ ସଲମା ପାଠ ପଢା ମଧ୍ୟ ଜାଣିଥିଲେ ସେ ମୁସଲମାନ୍ ମହିଳାମାନଙ୍କ ମଧ୍ୟରେ ନାରୀ ଶିକ୍ଷା ତଥା ସଂସ୍କାରମୂଳକ କ୍ଷେତ୍ରରେ ଯୋଗଦାନ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସୁତରାଂ ହଦୀସ୍ ଭଳି ଅନେକ ପୁସ୍ତକ ଗୁଡିକରେ ତାଙ୍କ ସମ୍ବନ୍ଧୀୟ ଅନେକ ରିୱାୟାତ୍ ତଥା ଆ ହଦିସ୍ ରହିଛି ଯାହା ଆମେ ଦେଖିବାକୁ ପାଉ । ଏହି ଦୃଷ୍ଟିରୁ ବିଚାର କଲେ ହୁଜ୍ଜୁର୍ ସ.ଅଙ୍କ ପତ୍ନୀମାନଙ୍କ ମଧ୍ୟରେ ସେ ଦ୍ୱିତୀୟ ସ୍ଥାନର ଅଧିକାରୀଣୀ ହୋଇପାରି ଥିଲେ ଏବଂ ସମସ୍ତ ପୁରୁଷ ତଥା ମହିଳାମାନଙ୍କ ମଧ୍ୟରେ ସେ

୧୧ତମ ସ୍ଥାନ ଅଧିକାର କରିଥିଲେ । ଅଲ୍ଲାଃତାଲା ସେହି ସାହାବା ମାନଙ୍କୁ ସ୍ୱର୍ଗପୁରରେ ଅଧିକରୁ ଅଧିକ ଉଚ୍ଚତର ବିଶିଷ୍ଟ ସ୍ଥାନ ପ୍ରଦାନ କରନ୍ତୁ,ଏବଂ ଆମକୁ ମଧ୍ୟ ଅଲ୍ଲାଃତାଲା ସେମାନଙ୍କର ପୁଣ୍ୟ ମାର୍ଗରେ ପରିଚାଳିତ କରି ପୁଣ୍ୟ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍

ହୁଜୁର୍ ଅନୱର୍ ଅ.ବ କହିଲେ ବର୍ତ୍ତମାନ ମୁଁ କେତେକ ମୃତ୍ୟୁବରଣ କରିଥିବା ବ୍ୟକ୍ତି ବିଶେଷଙ୍କ ସମ୍ପର୍କରେ ଘୋଷଣା କରିବି ଏବଂ ସେମାନଙ୍କର ଜନାଜ଼ା ( ଅନ୍ତ୍ୟେଷ୍ଟି କ୍ରିୟା) ନମାଜ଼ ଜୁମା ପରେ ପଢ଼ିବି । ତନ୍ମଧ୍ୟରୁ ପ୍ରଥମ ହେଉଛନ୍ତି ରାଜା ନସିର୍ ଅହମଦ୍ ସାହେବ୍ ନାସିର୍ ଯେ କି ୱକ଼ଫେ ଜ଼ିନ୍ଦେଗି ସହିତ ମୁରବୀ ସିଲସିଲାଃ ମଧ୍ୟ ଥିଲେ ଏବଂ ପୂର୍ବତନ ନାଜ଼ିର୍ ଇସ୍ଲାଃ ଓ ଇରଶାଦ୍ ମରକଜ଼ିୟା ମଧ୍ୟ ଥିଲେ । ଜୁଲାଇ ୬ ତାରିଖରେ ସକାଳ ୧୧ଟା ବେଳେ ପ୍ରାୟ ୮୦ ବର୍ଷ ବୟସରେ ତାହେର୍ ହାର୍ଟ ଇନଷ୍ଟିଚ୍ୟୁଟ୍ ଠାରେ ତାଙ୍କର ମୃତ୍ୟୁ ଘଟିଥିଲା । اِنَّا لِلّٰہِ و اِنَّا اِلَیہِ رٰجِعُون । ସେ ମେ ମାସ ୬ ତାରିଖ ଦିନ ୧୯୩୮ ମସିହାରେ ଭେରା ଜ଼ିଲ୍ଲାର ସରଗୋଧା ଠାରେ ଜନ୍ମଗ୍ରହଣ କରିଥିଲେ । ୧୯୫୮ ମସିହାରେ ସେ ନିଜର ଜୀବନକୁ ୱକ଼ଫ୍ (ଉତ୍ସର୍ଗ) କରିଥିଲେ । ଜାମିୟା ଅହମଦିୟା ରବୱା ଠାରୁ ଅଧ୍ୟାପନା କାର୍ଯ୍ୟ ଶେଷ ହେବା ପରେ ସେ ପ୍ରାୟ ୪୭ ବର୍ଷ ବୟସ ପର୍ଯ୍ୟନ୍ତ ଜମାତର ସେବା କରିବାର ସୌଭାଗ୍ୟ ତଥା ସୁଯୋଗ ପ୍ରାପ୍ତ କରିଥିଲେ । ତାଙ୍କୁ ପାକିସ୍ତାନର ବିଭିନ୍ନ ସ୍ଥାନ ମାନଙ୍କରେ ମୁରବୀ (ମୁବଲ୍ଲିଗ୍) ରୂପେ ସେବା କରିବାର ସୁଯୋଗ ମିଳିଥିଲା,ଏବଂ ସେ ୨୦୧୨ ମସିହାରେ ଅବସର ନେଇଥିଲେ । ତାଙ୍କର କୁରାନ୍ କରୀମର ତିଲାୱତ୍ (ଆବୃତ୍ତି) କରିବାରେ ବହୁତ ଆଗ୍ରହ ରହିଥିଲା,ସେ ନିଜର ସନ୍ତାନମାନଙ୍କୁ ଏହି ଉପଦେଶ ଦେଇଥିଲେ ଯେ,କଦାପି ଶିର୍କ (ଅର୍ଥାତ୍ ଅନ୍ୟଙ୍କୁ ଅଲ୍ଲାଃଙ୍କ ସମକକ୍ଷ) କରିବ ନାହିଁ ଏବଂ ଖ୍ଲାଫତ୍ ସହିତ ସର୍ବଦା ସଂଲଗ୍ନ ରହିବ । ସେ ସ୍ୱୟଂ ମଧ୍ୟ ଉପରୋକ୍ତ କଥାକୁ ନିଜ ଜୀବନର ଅକ୍ଷ ରୂପେ ସ୍ୱୀକାର କରିଥିଲେ । ଅଲ୍ଲାଃତାଲା ତାଙ୍କୁ ଅଲୌକିକ ଦୟାରେ ନିମଜ୍ଜିତ,ପ୍ଲାବିତ ତଥା ନିମଗ୍ନ କରନ୍ତୁ ଏବଂ ତାଙ୍କର ସନ୍ତାନ ମାନଙ୍କୁ ମଧ୍ୟ ତାଙ୍କର ସୁଗୁଣ ଗୁଡିକୁ ନିରବଚ୍ଛିନ୍ନ ଜାରି ରଖିବାରେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍

ଅନ୍ୟ ଏକ ଜନାଜ଼ା ମାନନୀୟ ମୁବିନ୍ ଅହମଦ୍ ସାହେବ୍ ଏବଂ ମାନନୀୟ ମହମ୍ମଦ୍ ଜ଼ଫ୍ରୁଲ୍ଲାଃ ସାହେବ୍ ଇବ୍ନେ ଲିୟାକ଼ତ୍ ଅଲୀ ସାହେବଙ୍କର ଅଟେ । ସେ ୭ ଜୁଲାଇ ୨୦୧୮ ରେ ପ୍ରାୟ ମଧ୍ୟାହ୍ନ ୩ଟା ବେଳେ କରାଚୀର ୱେଟା ଛକ ଇଣ୍ଡଷ୍ଟ୍ରିୟାଲ୍ ଏରିୟାରେ,ତାଙ୍କୁ ଦୁର୍ବୃତ୍ତମାନେ ଗୁଳି ବିନିମୟ କରି ତଥା ତିନି ଅହମଦି ଖୁଦାମ୍ ମୁବିନ୍ ଅହମଦ୍ ସାହେବ୍ ଇବ୍ନେ ମେହବୁବ୍ ଅହମଦ୍ ସାହେବ୍ ଏବଂ ଜ଼ଫ୍ରୁଲ୍ଲାଃ ସାହେବ୍ ଓ ମହମ୍ମଦ୍ ନସ୍ରୁଲ୍ଲାଃ ସାହେବଙ୍କୁ କ୍ଷତାକ୍ତ କରି ଦେଇଥିଲେ । ଯାହାଫଳରେ କି ମୁବିନ୍ ଅହମଦ୍ ସାହେବ୍ ଏବଂ ଜ଼ଫ୍ରୁଲ୍ଲାଃ ସାହେବ୍ ବୀରଗତି ପ୍ରାପ୍ତ କରିଥିଲେ । اِنَّا لِلّٰہِ و اِنَّا اِلَیہِ رٰجِعُون । ଏହି ଘଟଣାରେ କ୍ଷତାକ୍ତ ହୋଇଥିବା ବ୍ୟକ୍ତି ମାନଙ୍କ ମଧ୍ୟରୁ ହାଫିଜ଼୍ ନସ୍ରୁଲ୍ଲାଃ ସାହେବଙ୍କର ଅସ୍ତ୍ରୋପଚାର ହୋଇସାରିଛି । ବର୍ତ୍ତମାନ ସେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି । ଅଲ୍ଲାଃତାଲା ତାଙ୍କୁ ମଧ୍ୟ ସଂପୂର୍ଣ୍ଣ,ଅବିଳମ୍ବ ଶିଫା (ଆରୋଗ୍ୟ) ପ୍ରଦାନ କରନ୍ତୁ । ଆମିନ୍ ଏବଂ ସେହି ସ୍ୱର୍ଗୀୟ ଗମନକାରୀଙ୍କର ଦରଜାତ୍ (ସ୍ତର) ବୃଦ୍ଧି କରନ୍ତୁ,ଦୁଃଖରେ ଭାଙ୍ଗି ପଡିଥିବା ପରିବାରବର୍ଗଙ୍କୁ ଧୈର୍ଯ୍ୟ ଏବଂ ସାହାସ ପ୍ରଦାନ କରନ୍ତୁ । ଆମିନ୍

………………………

Khulasa Khutba Juma Huzoor Anwar a.b.a

13th July 2018